# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26th July - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ଦେଶର ବିକାଶ ପଥରେ ଦେଖାଦେଉଥିବା ପ୍ରତ୍ୟେକ ଆହ୍ୱାନକୁ ମୁକାବିଲା କରିବାରେ ଭାରତ ସାମର୍ଥ୍ୟ ରଖିଛି, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଚଳିତ ବର୍ଷର ଶ୍ରୀଜିଉଙ୍କ ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି, ବିଧାନସଭାରେ ତଥ୍ୟ ରଖିଲେ ଆଇନ ମନ୍ତ୍ରୀ ।
- ସୁବର୍ଣ୍ଣପୁର ଏବଂ କେନ୍ଦୁଝରରେ ଦୁଇଟି ନୂଆ ଇ.ଏସ୍.ଆଇ. ହସ୍ପିଟାଲ୍ ସ୍ଥାପନ ନେଇ ରାଜ୍ୟ ସରକାରଙ୍କ ମଞ୍ଜୁରି ।

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିବ ବର୍ଷା ।

*Desk*

# କାର୍ଗିଲ୍ ବିଜୟ ଦିବସ

ସମଗ୍ର ଦେଶ ଆଜି କାର୍ଗିଲ ବିଜୟ ଦିବସ ପାଳନ କରୁଛି । ୧୯୯୯ ମସିହାରେ ୮୪ ଦିନର ଯୁଦ୍ଧରେ ସାରା ବିଶ୍ୱ ଭାରତୀୟ ସେନାର ଶୌର୍ଯ୍ୟ ଏବଂ ପରାକ୍ରମ ଦେଖିବାକୁ ମିଳିଥିଲା । ଭାରତୀୟ ସେନା କାର୍ଗିଲ ଯୁଦ୍ଧରେ ପାକିସ୍ତାନକୁ ପରାଜିତ କରିଥିଲେ । ଏହି ଯୁଦ୍ଧରେ ୫୨୭ ଯବାନ ସହିଦ ହୋଇଥିବା ବେଳେ ୧ ହଜାର ୩୬୩ ଜଣ ଆହତ ହୋଇଥିଲେ । ବୀର ଯବାନଙ୍କ ବଳିଦାନ ଯୋଗୁଁ କାର୍ଗିଲର ଟାଇଗର ଶୃଙ୍ଗରେ ତ୍ରିରଙ୍ଗା ଉଡ଼ାଇ ଭାରତୀୟ ସେନା ବିଜୟ ହାସଲ କରିଥିଲେ ।  ଏହି ଅବସରରେ ଲଦାଖର ଦ୍ରାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଶ୍ରୀ ମୋଦୀ ଉଦବୋଧନ ଦେଇ କହିଛନ୍ତି, 'ଆମେ କେବଳ ଯୁଦ୍ଧ ଜିତି ନାହୁଁ, ବରଂ ସତ୍ୟ, ସଂଯମତା ଏବଂ ଶକ୍ତି ମଧ୍ୟ ପ୍ରଦର୍ଶନ କରିଛୁ । ବିକାଶ ପଥରେ ଆସୁଥିବା ପ୍ରତ୍ୟେକ ଆହ୍ୱାନକୁ ଭାରତ ମୁକାବିଲା କରିବାର ସାମର୍ଥ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

*Desk*

# ରାଷ୍ଟ୍ରପତିଙ୍କ ଶ୍ରଦ୍ଧାଞ୍ଜଳି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାରଗିଲ ଦିବସର ରୌପ୍ୟ ଜୟନ୍ତୀ ଅବସରରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, କାରଗିଲ ବିଜୟ ଦିବସ ହେଉଛି ସଶସ୍ତ୍ର ବଳର ଅଦମ୍ୟ ସାହସ ଓ ଅସାଧାରଣ ପରାକ୍ରମ । ସେ କହିଛନ୍ତି, ଯୁଦ୍ଧରେ ବୀରତ୍ୱ ପ୍ରଦର୍ଶନ କରି ଶହୀଦ ହୋଇଥିବା ଯବାନମାନଙ୍କୁ ରାଷ୍ଟ୍ର ସମ୍ମାନ ଦେବାର ଏହା ଏକ ଅବସର ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ  କହିଛନ୍ତି, କାରଗିଲ ବିଜୟ ଦିବସର ଭାରତୀୟ ସେନାର ସାହାସୀ ବୀରମାନେ ଅଭୁତ ସାମର୍ଥ୍ୟ ଓ ସକ୍ଷମତାର ପରିଚୟ ଦେଇ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ଉଚିତ ଜବାବ ଦେଇଥିଲେ ।  ଭାରତୀୟ ସେନାର ଅସାଧାରଣ ବୀରତ୍ୱ ଓ କର୍ତ୍ତବ୍ୟପରାୟଣତା ପ୍ରତି ଭାରତୀୟଙ୍କୁ ଗୌରବାନିତ୍ୱ କରୁଥିବ ।

***Assembly Review***

# ବିଧାନସଭା

ବିଧାନସଭାର ଅପରାହ୍ଣ ଅଧିବେଶନରେ କଂଗ୍ରେସ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଶୀର୍ଷକ ପୁରୀ ରଥଯାତ୍ରାରେ ଘଟିଥିବା ବିଭ୍ରାଟକୁ ନେଇ ଗୃହରେ ବାଚସ୍ପତିଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଆଲୋଚନାରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍ କହିଥିଲେ, ଚଳିତ ରଥଯାତ୍ରାରେ ଘଟିଥିବା ଅନେକ ଅଘଟଣ ପୂର୍ବରୁ କେବେ ଦେଖାଦେଇ ନ

ଥିଲା । ସରକାର ଘଟଣାକୁ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ କରି ଏ ସମ୍ପର୍କରେ ଆଇନ ମନ୍ତ୍ରୀ ଗୃହରେ ତଥ୍ୟ ରଖନ୍ତୁ ବୋଲି ବାଚସ୍ପତିଙ୍କୁ ଶ୍ରୀ କାଡ଼ାମ୍ ଅନୁରୋଧ କରିଥିଲେ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କ ଉତ୍ତରରେ କହିଥିଲେ, ବିରୋଧୀ ସଦସ୍ୟମାନେ ଯେଉଁ ଆରୋପ କରୁଛନ୍ତି, ତାହାର କୌଣସି ସତ୍ୟତା ନାହିଁ । ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ବିଭ୍ରାଟ ଘଟି ନାହିଁ । ଶ୍ରୀଜିଉମାନଙ୍କର ଆଡ଼ପ ମଣ୍ଡପ ଦର୍ଶନଠାରୁ ଆରମ୍ଭ କରି ବାହୁଡ଼ାଯାତ୍ରା, ସୁନାବେଶ ଏବଂ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପ୍ରତ୍ୟେକ ନୀତିକାନ୍ତି ଶୃଙ୍ଖଳିତ ଭାବରେ କରାଯାଇଥିଲା । ରଥଯାତ୍ରାକୁ ନେଇ ଗୃହରେ ଯେଉଁ ମୁଲତବୀ ପ୍ରସ୍ତାବ ଅଣାଯାଇଛି, ତାହା ସମ୍ପୂର୍ଣ୍ଣ ନିରାଧାର ଏବଂ କପୋଳକଳ୍ପିତ । ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ ।

ଅନ୍ୟପକ୍ଷରେ ଅପରାହ୍ଣ ଅଧିବେଶନରେ ବାଚସ୍ପତି କାର୍ଯ୍ୟ ପରାମର୍ଶ କମିଟି ଘୋଷଣା କରିଥିଲେ । ଅଧିବେଶନର ପଞ୍ଚମ ଦିନରେ ଗୃହ କାର୍ଯ୍ୟ ଆଜି ସ୍ୱାଭାବିକ ଭାବେ ଚାଲିଥିଲା । ପ୍ରଶ୍ନକାଳରେ ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ଶିଳ୍ପ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଦକ୍ଷତା ବିକାଶ ଓ ବୈଷୟିକ, ଶିଳ୍ପ, କ୍ରୀଡା ଓ ଯୁବ କଲ୍ୟାଣ ବିଭାଗ ଉପରେ ଆଲୋଚନା ହୋଇଥିଲା । ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ ଆଲୋଚନାରେ ଭାଗନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଖୁବ ଶୀଘ୍ର ରାଜ୍ୟର ୧୬ ହଜାର ୫୧୯ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ

ବିଦ୍ୟାଳୟରେ ଖାଲି ପଡ଼ିଥିବା ୧୭ ହଜାର ୭୬୧ ଶିକ୍ଷକ ପଦ ପୂରଣ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବେ ।

*HS*

## ଇ.ଏସ୍.ଆଇ. ହସ୍ପିଟାଲ୍

ରାଜ୍ୟରେ ଦୁଇଟି ନୂତନ ଇ.ଏସ୍.ଆଇ. ହସ୍ପିଟାଲ୍ ସ୍ଥାପନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅନୁମୋଦନ କରିଛନ୍ତି । ଏହି ଦୁଇଟି ହସ୍ପିଟାଲ୍ କେନ୍ଦୁଝର ଓ ସୁବର୍ଣ୍ଣପୁରରେ ପ୍ରତିଷ୍ଠା ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଶ୍ରମିକ ଶ୍ରେଣୀର ଲୋକ ଏବଂ ସେମାନଙ୍କ ପରିବାରର ସଦସ୍ୟମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ।

*Desk*

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାରିଦିନିଆ ଦିଲ୍ଲୀ ଗସ୍ତରେ ଯାଇ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ନୀତି ଆୟୋଗ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ମଧ୍ୟ ନୀତି ଆୟୋଗ ବୈଠକରେ ଯୋଗଦେବେ । ମୁଖ୍ୟମନ୍ତ୍ରୀ

ତାଙ୍କ ଗସ୍ତ ସମୟରେ ରାଜ୍ୟର ସ୍ୱାର୍ଥଜନିତ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀମାନଙ୍କ ସହ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି ।

***Desk***

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ସପ୍ତଦଶ ବିଧାନସଭାର ଅଧିବେଶନ ଚାଲିଥିବାରୁ ଆସନ୍ତା ୨୯ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ପ୍ରଦାନ କରାଯାଇଛି ।

***Desk***

## ଆଳୁ

ରାଜ୍ୟରେ ବୃଦ୍ଧି ପାଉଥିବା ଆଳୁର ଚାହିଦାକୁ ମେଣ୍ଟାଇବା ପାଇଁ ଉତ୍ତରପ୍ରଦେଶରୁ ଆଳୁ ଆମଦାନୀ କରାଯିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

ଆଳୁ ଆମଦାନୀ କ୍ଷେତ୍ରରେ ଉପୁଜିଥିବା ସମସ୍ୟାକୁ ନେଇ ଆଜି ଅପରାହ୍ନରେ ସ୍ଥିତିର ସମୀକ୍ଷା କରିବା ପରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି,

ଗୋଦାମରେ ଆଳୁ ମୂଲ୍ୟ ୨୭ ଟଙ୍କା ରହିଛି । ଖୁଚୁରା ବେପାରୀମାନେ ୩୨ ଟଙ୍କାରେ ଆଳୁ ବିକ୍ରି କରିବା ପାଇଁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଧାର୍ଯ୍ୟ ଦରୁ ଅଧିକ ଦରରେ ଆଳୁ ବିକ୍ରି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

***Gajapati/R***

## ଶିଶୁ ନ୍ୟାୟ ସଚେତନତା

ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗୁମ୍ମା ବ୍ଲକ୍ ଅନ୍ତର୍ଗତ ଜୀବା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ନ୍ୟାୟ, ଶିଶୁ ସୁରକ୍ଷା ଓ ଯତ୍ନ ସମେତ ବାଧ୍ୟତାମୂଳକ ଶିକ୍ଷା ଅଧିକାର ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ଅପରାଧ ଅନ୍ତର୍ଗତ ଦଣ୍ଡବିଧାନ ସମ୍ପର୍କରେ ଆଲୋଚନା କରିଥିଲେ ।

***Bhadrak, Boudh/R***

# କାର୍ଗିଲ୍ ଦିବସ

ଭଦ୍ରକ ସହିଦ୍ ସ୍ମୃତିଭବନଠାରେ କାର୍ଗିଲ୍ ବିଜୟ ଦିବସ ପାଳିତ ଅବସରରେ ବାଲେଶ୍ୱର ଡି.ଆର୍.ଡି.ଓ.ର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ନୀଳାଦ୍ରୀ ରାୟଙ୍କ ସମେତ ଶତାଧିକ ସୈନିକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବତନ ସୈନିକ ଏବଂ କେତେକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ବି.ଜେ.ପି. କାର୍ଯ୍ୟାଳୟଠାରେ କାର୍ଗିଲ୍ ବିଜୟ ଦିବସ ପାଳନ ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହିଦମାନଙ୍କ ସ୍ମୃତିରେ ସାମୂହିକ ଦୀପଦାନ କରିଥିଲେ ।

***Desk***

# ସଚେତନତା

ବର୍ଷା ଋତୁରେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଇତ୍ୟାଦି ରୋଗ ବ୍ୟାପୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାତୀୟ କୃମି ନାଶକ ଦିବସ ଅବସରରେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ମଶାରି ଟାଙ୍ଗି ଶୋଇବା, ଘର ଚାରିପାଖ ଅଳିଆ ଆବର୍ଜନା ମୁକ୍ତ କରିବା, ପାଣି ଜମାକରି ନ ରଖିବା ଇତ୍ୟାଦି ଉପରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.ବନମାଳି ପ୍ରଧାନ ପରାମର୍ଶ ଦେଇଥିଲେ । ଗ୍ରାମାଞ୍ଚଳରେ ଆଶାକର୍ମୀମାନେ ଘରକୁ ଘର ବୁଲି ଜୁଲାଇ ୧ତାରିଖ ଠାରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ବାତଜ୍ୱର ଇତ୍ୟାଦି ରୋଗ ଉପରେ ସର୍ଭେ କରୁଛନ୍ତି ।

***Desk***

# ଫ୍ରାନ୍ସ ଅଲିମ୍ପିକ୍ସ

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଆଜିଠାରୁ ଅଲମ୍ପିକ୍‌ସ କ୍ରୀଡ଼ା ପ୍ରତିଯୋଗିତା-୨୦୨୪ ଆଉ କିଛି ସମୟ ପରେ ଆରମ୍ଭ ହେଉଛି । ଭାରତ ପକ୍ଷରୁ ଶରତ କମଲ ଏବଂ ପି.ଭି. ସିନ୍ଧୁ ଜାତୀୟ ପତାକା ବହନ କରିବେ । ଚଳିତ ଅଲମ୍ପିକ୍ସରେ ଓଡ଼ିଶାରୁ ପୁରୁଷ ହକି ଦଳରେ ଅମିତ ରୋହି ଦାସ ଏବଂ ଜାଭିଲିନ୍ ଥ୍ରୋ’ରେ କିଶୋର ଜେନା ଅଂଶ ଗ୍ରହଣ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ଦୁଇ ଖେଳାଳିଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି ।

*Sambalpur/R*

## ହୀରାକୁଦ

ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଲଗାଣ ବର୍ଷା ହେବା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି । ଜଳଭଣ୍ଡାରର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଆସନ୍ତା ରବିବାର ଦିନ ପ୍ରଥମ ବନ୍ୟାଜଳ ମହାନଦୀକୁ ନିଷ୍କାସିତ ହେବ । ବନ୍ୟାଜଳ ପ୍ରବାହିତ ଯୋଗୁଁ ମହାନଦୀ ଏବଂ ତା'ର ଶାଖାନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବ । ସେଥିପାଇଁ ସତର୍କତା ମୂଳକ ପଦକ୍ଷେପ ନେବାପାଇଁ ଜଳଭଣ୍ଡାରର ତଳମୁଣ୍ଡରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଓ ଏସ୍.ପି.ଙ୍କୁ ସତର୍କ ରହିବାପାଇଁ କୁହାଯାଇଛି ।

*Ganjam/R*

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ଦିନା ଦସ୍ତଗୀରଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି । ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ସକାଳ ୭ଟାରେ ପତାକା ଉତ୍ତୋଳନ କରାଯିବାପାଇଁ ବୈଠକରେ ସ୍ଥିର ହୋଇଛି ।

*Rayagada/R*

# ଦକ୍ଷତା ବିକାଶ କୌଶଳ ରଥ

ଯୁବପିଢ଼ିଙ୍କ ମଧ୍ୟରେ ଦକ୍ଷତା ବିକାଶ ବୃଦ୍ଧି ନେଇ ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ କୌଶଳ ରଥ ପରିକ୍ରମା କରିଛି । ପ୍ରଶିକ୍ଷକଙ୍କଦ୍ୱାରା ବିଭିନ୍ନ ପ୍ରକାର କୁଶଳୀ, ଉଚ୍ଚ ଦକ୍ଷତାଜନିତ ପ୍ରଶିକ୍ଷଣ ଓ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ସହ ସରକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା ।

*HS*

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଉତ୍ତର ବଙ୍ଗୋପସାଗର ବାଂଲାଦେଶ ଉପକୂଳରେ ଲଘୁଚାପ କେନ୍ଦ୍ରିଭୂତ ହୋଇଥିବା ବେଳେ କ୍ରମଶଃ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାର ପ୍ରଭାବରେ ଉତ୍ତର ଏବଂ ଉପକୂଳ ଓଡିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଉତ୍ତର ଓଡ଼ିଶା ସହ ୧୩ଟି ଜିଲ୍ଲାକୁ ସତର୍କ ରହିବାପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ।

*****